cmyk

To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-15, Issue No.297, ଭଦ୍ରକ, ଗୁରୁବାର, ୩, ମଇ ୨୦୧୮ ■ Bhadrak, Thursday, 3 May 2018 Rs. 2.00 Pages-8

ପୋଲାଭରମ ବିବାଦ : ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କଲେ କେନ୍ଦ୍ର ସରକାର



## ପୋଲିସ- ମାଓବାଦୀ ମୁହାଁମୁହିଁ ୨ ଯବାନ ସହିଦ

ଛତିଶଗଡ, ୨।୫: ଓଡିଶା ଏବଂ ଛତିଶଗଡ ସୀମାନ୍ତ ଅଂଚଳରେ ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିବା ସୂଚନା ମିଳିଛି । ଛତିଶଗଡର ଗାରିଆବନ୍ଧ ଜିଲ୍ଲାରେ ଥିବା ଆମାମୋରା ଜଙ୍ଗଲରେ ଯବାନ ଏବଂ ନକ୍ସଲ ମୁହାଁମୁହିଁ ହୋଇଥିବା ଜଣା ପଡିଛି । ନକ୍ସଲଙ୍କ ଆକ୍ରମଣରେ ଦୁଇ ଜଣ ଯବାନ ସହିଦ ମଧ୍ୟ ହୋଇଛନ୍ତି । ସୂଚନାଯୋଗ୍ୟ କି ଆଜି ଅପରାହ୍ନରେ ଯବାନ ମାନେ ଜଙ୍ଗଲରେ କମ୍ବିଂ କରୁଥିବା ସମୟରେ ହଠାତ ବିସ୍ଫୋରଣ ଘଟିଥିଲା । ଏହା ପରେ ଆମ୍ବୁସରେ ଲୁଚିଥିବା ନକ୍ସଲ ମାନେ ଯବାନଙ୍କ ଉପରେ ଆଖିବୁଜା ଗୁଳି ଚାଳନା କରିଥିଲେ । ଯବାନମାନେ ମଧ୍ୟ ସଙ୍ଗେସଙ୍ଗେ ପୋଜିସନ ନେଇ ପାଲଟା ଜବାବ ଦେଇଥିଲେ । ଏହି ସମୟରେ ଭୋଜରାମ କାଣ୍ଡିଲ୍ୟ ଏବଂ ଲେଖରାମ ବଘେଲା ନାମକ ଦୁଇ ଜଣ ଯବାନ ନକ୍ସଲଙ୍କ ଗୁଳିରେ ପ୍ରାଣ ବଳୀ ଦେଇଥିବା ସୂଚନା ମିଳିଛି । ବର୍ତମାନ ମଧ୍ୟ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିବା ଜଣା ପଡିଛି । ଫଳରେ ଜିଲ୍ଲା ପୋଲିସ ପକ୍ଷରୁ ଘଟଣାସ୍ଥଳକୁ ଏକ ଆମ୍ବୁଲାନ୍ସ ସହ ଡାକ୍ତରୀ ଟିମ ପଠାଯାଇଛି ବୋଲି ସୂଚନା ଦେଇଛନ୍ତି ଏସପି ।

# ମହାନଦୀକୁ ନେଇ ଲୋକଙ୍କ ପାଖକୁ ଯିବ ବିଜେଡି




- ଝାରସୁଗୁଡା ଓ ବରଗଡରେ ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ
- ୧୫ଟି ଜିଲ୍ଲାରେ ଲୋକଙ୍କୁ ସଚେତନ କରାଯିବ
- ୧୫୦୦ କିଲୋମିଟର ପରିକ୍ରମା ପରେ ପାରାଦୀପରେ ସମାପନ

- ଶାସକ ବିଜେଡିର ଆଚରଣ ହାସ୍ୟାସ୍ପଦ: ବିଜେପି
- କେବଳ ସରକାର ବାହାବା ନେବା ପାଇଁ ଏଭଳି କରୁଛନ୍ତି : କଂଗ୍ରେସ

ଭୁବନେଶ୍ୱର,୨।୫ (ସକାଳ ଖବର): ମହାନଦୀର ମହାସଂକଟକୁ ଟାଳିବା ପାଇଁ ଆସନ୍ତା ୧୬ ତାରିଖରୁ ବିଜେଡ଼ି ମହାନଦୀ ସୁରକ୍ଷା ଅଭିଯାନ ଆରମ୍ଭ କରିବ। ୧୬ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାରୁ ଏକ ଜନ ଜାଗରଣ ଅଭିଯାନର ଶୁଭାରମ୍ଭ ହେବ। ମୁଖ୍ୟମନ୍ତ୍ରୀ ଏହି ଅଭିଯାନର ଶୁଭାରମ୍ଭ କରିବେ । ମହାନଦୀର ଅବବାହିକାରେ ଥିବା ୧୫ଟି ଜିଲ୍ଲାର ୪୫ଟି ନିର୍ବାଚନମଣ୍ଡଳୀର ବ୍ଲକର ପାଖାପାଖି ୧୫୦୦ କିଲୋମିଟର ପରିକ୍ରମା କରିବା ପରେ ପାରାଦୀପ ଠାରେ ସମାପନ ସମାବେଶରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗଦେବେ ବୋଲି ବିଜେଡି ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ଏହି ଜନଜାଗରଣ ଅଭିଯାନ ସମୟରେ ରାସ୍ତାରେ ପଡୁଥିବା ଗ୍ରାମ ଓ ସହରର ସବୁ ସ୍ଥାନରେ ସାଧାରଣ ସଭା, ପଥପ୍ରାନ୍ତ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ମହାନଦୀ ସଂକଟର ପ୍ରକୃତ ଚିତ୍ର ଉପସ୍ଥାପନ କରାଯିବ। ଏହାସହ ବିପୁଳ ସଂଖ୍ୟାରେ ପୁସ୍ତିକା, ପ୍ରଚାରପତ୍ର ଜରିଆରେ ଓଡ଼ିଶାରେ ମହାନଦୀକୁ ବିଲୀନ କରିବା ପାଇଁ ଚାଲିଥିବା ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରାଯିବା ସହିତ ଏହି ସଂକଟର ଭୟାବହତା ସଂପର୍କରେ ଲୋକଙ୍କୁ ଅବଗତ କରାଯିବ। ଏହି ଯାତ୍ରାରେ ହଜାର ହଜାର ସଂଖ୍ୟାରେ କୃଷକ, ମତ୍ସ୍ୟଜୀବୀ, ଛାତ୍ର, ଯୁବକ, ମହିଳା ଓ ସମାଜର ଅନ୍ୟ ସବୁ ବର୍ଗର ଜନସାଧାରଣ ଅଂଶଗ୍ରହଣ କରିବେ । ଉକ୍ତ ସୁରକ୍ଷା ଅଭିଯାନ ମହାନଦୀ ତଟବର୍ତୀ ଏବଂ ମହାନଦୀ ଦ୍ୱାରା ପ୍ରଭାବିତ ହେଉଥିବା ୧୫ଟି ଜିଲ୍ଲାର ୪୫ଟି ନିର୍ବାଚନ ମଣ୍ଡଳୀର ବ୍ଲକ ଓ ନଗରାଂଚଳ ମଧ୍ୟ ଦେଇ ଯିବ। ଏହାର ପାର୍ଶ୍ୱବର୍ତୀ ଅଂଚଳମାନଙ୍କରୁ ମଧ୍ୟ ଜନସାଧାରଣ ଏହି ସୁରକ୍ଷା ଅଭିଯାନରେ ସାମିଲ ହେବେ। କାର୍ଯ୍ୟକ୍ରମ ସଂପର୍କରେ ବିସ୍ତୃତ ବିବରଣୀ ସପ୍ତାହକ ମଧ୍ୟରେ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ମହାନଦୀର ମହାସଂକଟ ଏ ପର୍ଯ୍ୟନ୍ତ ଟଳିନାହିଁ ତେଣୁ ମହାନଦୀକୁ ବଂଚାଇବା ପାଇଁ ଓଡ଼ିଆ ଜାତିର ମହାସଂଗ୍ରାମ ଅବ୍ୟାହତ ରହିଛି। ଏହାର ପ୍ରଥମ ପର୍ଯ୍ୟାୟ ଆନ୍ଦୋଳନ ପରେ ଗତମାସ ୨୨ ତାରିଖ ଦିନ ବିଜୁ ଜନତା ଦଳ ତରଫରୁ ମହାନଦୀ ସଂକଟ ସଂପର୍କିତ କର୍ମଶାଳାରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ ଯେ ମହାନଦୀ ସଂକଟ ପାଇଁ ଓଡ଼ିଶାବାସୀ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ଆରମ୍ଭ କରିବେ ଏବଂ ବିଜୁ ଜନତା ଦଳ ଏହାର ନେତୃତ୍ୱ ନେବ। ରାଜ୍ୟ ସରକାର ଆଇନଗତ ଲଢ଼େଇ ଲଢ଼ୁଥିବା ବେଳେ ଓଡ଼ିଶାର ଜନସାଧାରଣ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଲଢ଼େଇ ଲଢ଼ୁଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନର ପ୍ରସ୍ତୁତି ଏବଂ ରୂପରେଖ ତିଆରି କରିବା ପାଇଁ ଗତକାଲି ମହାନଦୀ ଅବବାହିକାରେ ଥିବା ୧୫ଟି ଜିଲ୍ଲାର ବିଜୁ ଜନତା ଦଳର ସମସ୍ତ ବିଧାୟକ, ଜିଲ୍ଲା ସଭାପତି, ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ଛାମୁଆଁ ସଂଗଠନର କର୍ମକର୍ତାମାନଙ୍କର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇ ବିସ୍ତୃତ ଆଲୋଚନା ଓ ବିଚାରବିମର୍ଶ କରାଯାଇଛି। ଚଳିତମାସ ଏକ ବ୍ୟାପକ ଜନଜାଗରଣ ପାଇଁ ବିଜୁ ଜନତା ଦଳ ନେତୃତ୍ୱରେ ମହାନଦୀ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଓଡ଼ିଶାରେ ମହାନଦୀ ପ୍ରବେଶ କରିଥିବା ସ୍ଥଳରୁ ମହାନଦୀର ଉଭୟ ପାର୍ଶ୍ୱ ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରୁ ବିଶାଳ ଜନସଚେତନତା ଯାତ୍ରା ଆରମ୍ଭ ହୋଇ ପାରାଦୀପ ଠାରେ ଏହାର ସମାପନ ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ସାଧାରଣ ସଂପାଦକ ସଂଜୟ କୁମାର ଦାସବର୍ମା ଓ ଅତନୁ ସବ୍ୟସାଚୀ ନାୟକ ,ରାଜ୍ୟ ସଂପାଦକ ବିଜୟ ନାୟକ ଉପସ୍ଥିତ ଥିଲେ। ତେବେ ଶାସକ ବିଜେଡି ମହାନଦୀ ସୁରକ୍ଷାଯାତ୍ରା ନାଁରେ ରାଜନୈତିକ ଡ୍ରାମା ଓ ଅରଣ୍ୟରୋଦନ କରୁଛି ବୋଲି ବିଜେପି ଅଭିଯୋଗ କରିଛି । କେବଳ ନିର୍ବାଚନ ପାଇଁ ବିଜେଡି ମହାନଦୀ ପ୍ରସଙ୍ଗକୁ ଉଠାଇ ଲୋକଙ୍କୁ ବିଭ୍ରାନ୍ତି କରି ଚାଲିଛି । ଶାସକ ବିଜେଡି ଉଚାରଣରେ ଗୋଟିଏ କଥା ଏବଂ ଆଚରଣରେ ଅନ୍ୟ ଏକ କଥା କରୁଛି । ମହାନଦୀ ସୁରକ୍ଷା ଯାତ୍ରାକୁ ନେଇ ଦଳରେ ଭିନ୍ନ ଭିନ୍ନ ମତ ଉଠୁଛି । ମହାନଦୀ ଜଳରୁ ନେଇ ରାଜନୀତି କରିବା ରାଜ୍ୟ ସରକାରଙ୍କ ଅପାରଗତା ଓ ସ୍ଥାଣୁତାକୁ ଦର୍ଶାଉଛି । ଚୋର ମୁହଁ ଟାଣ ପରି ନିଜ ଦୋଷକୁ ଘୋଡାଇ ମିଥ୍ୟା ସୁଆଙ୍ଗ ରଚି ସାଧାରଣ ଜନତାଙ୍କୁ ବିଭ୍ରାନ୍ତି କରାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥୀରାଜ ହରିଚନ୍ଦନ କହିଛନ୍ତି । ବାସ୍ତବରେ ମହାନଦୀ ଜଳ (ପୃଷ୍ଠା-୭)

# ଅହିଂସା ବାର୍ତ୍ତା ଦେଲେ ମୁଖ୍ୟମନ୍ତ୍ରୀ



### ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜୟନ୍ତୀ ପ୍ରସ୍ତୁତି ବୈଠକ

ନୂଆଦିଲ୍ଲୀ, ୨।୫ : ଅହିଂସା ହେଉଛି ସମ୍ପୂର୍ଣ୍ଣ ଭାବେ ଏକ ଭାରତୀୟ ଚିନ୍ତାଧାର । ଏହାକୁ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ କରାଯାଇପାରିଲେ, ତାହା ହେବ ଗାନ୍ଧୀଜୀଙ୍କ ୧୫୦ ତମ ଜନ୍ମ ବାର୍ଷିକୀରେ ତାଙ୍କ ପ୍ରତି ଭାରତର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହ ଉପଲକ୍ଷେ ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇ ଏହି ମତବ୍ୟକ୍ତ କରିଛନ୍ତି ।ମୁଖ୍ୟମନ୍ତ୍ରୀ କହିଲେ ଯେ, ମହାତ୍ମା ଗାନ୍ଧୀଙ୍କ ଅହିଂସା ସମ୍ପର୍କିତ ସିଦ୍ଧାନ୍ତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଲା - ଦାରିଦ୍ର୍ୟ ଓ ସାମାଜିକ ଅନ୍ୟାୟ ହେଉଛି ସବୁଠାରୁ ବଡ଼ ହିଂସା । ଗାନ୍ଧୀଜି କହିଥିଲେ ଯେ, ଯେଉଁ ପର୍ଯ୍ୟନ୍ତ ଦେଶରେ ଦାରିଦ୍ର୍ୟ ରହିଛି, ସେ ପର୍ଯ୍ୟନ୍ତ ସ୍ୱାଧୀନତା ହେଉଛି କେବଳ ଏକ ଶୁଷ୍କ କାଷ୍ଠ ସଦୃଶ । ଯେ କୌଣସି ସରକାର ପାଇଁ ଦାରିଦ୍ର୍ୟ ଦୂରୀକରଣ ହେଉଛି ସବୁଠାରୁ ବଡ଼ ଆହ୍ୱାନ । ଅହିଂସା ବିନା ଏହା ହାସଲ କରିହେବ ନାହିଁ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମ୍ବିଧାନର ମୁଖବନ୍ଧରେଥିବା ସିଦ୍ଧାନ୍ତ ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପାଶ୍ଚାତ୍ୟ ଗଣତାନ୍ତ୍ରିକ ଚିନ୍ତାଧାରା ହୋଇଥିବା ବେଳେ ଅହିଂସା ହେଉଛି ଭାରତୀୟ ପରମ୍ପରା ଓ ଦର୍ଶନର ଏକ ନିଛକ ପ୍ରତିଫଳନ । ବିକାଶ ପାଇଁ ଶାନ୍ତି ଆବଶ୍ୟକ । ଯେଉଁମାନେ ସମାଜକୁ ଜାତି, ଧର୍ମ ଓ ଶ୍ରେଣୀ ଆଦି ବିଭିନ୍ନ ଗୋଷ୍ଠୀ ନାମରେ ସମାଜରେ ବିଭେଦ ସୃଷ୍ଟି କରୁଛନ୍ତି, ବିକାଶ ପାଇଁ ସେମାନଙ୍କୁ ପରାସ୍ତ କରିବା ଆବଶ୍ୟକ । ତେଣୁ ମୁଁ ଭାବୁଛି, ମହାତ୍ମା (ପୃଷ୍ଠା-୭)

## ପୁଣି ୫ ଦିନିଆ ରିମାଣ୍ଡରେ ପୁଞ୍ଜିଲାଲ



ବଲାଙ୍ଗୀର,୨।୫ (ସକାଳ ଖବର): ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ କାର୍ପଟଦାର ପୁଞ୍ଜିଲାଲ ମେହେରଙ୍କୁ ପୁଣି ୫ ଦିନିଆ ରିମାଣ୍ଡରେ ନେଇଛି କ୍ରାଇମବ୍ରାଞ୍ଚ । କ୍ରାଇମବ୍ରାଞ୍ଚ ୮ ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଥିବାବେଳେ କୋର୍ଟ ୫ ଦିନିଆ ରିମାଣ୍ଡର ଅନୁମତି ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟ ୬ ଦିନିଆ ରିମାଣ୍ଡ ଅବଧୀ ଶେଷ ହେବା ପରେ ଆଜି ପାଟଣାଗଡ ଏସଡିଜେଏମ କୋର୍ଟରେ ପଞ୍ଜିଲାଲଙ୍କୁ ହାଜର କରାଯାଇଥିଲା । ତେବେ କ୍ରାଇମବ୍ରାଞ୍ଚ ୮ ଦିନ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଥିଲେ । ମାତ୍ର କୋର୍ଟ ୫ ଦିନିଆ ରିମାଣ୍ଡ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ପୁଂଜିଲାଲଙ୍କୁ କଡା ସୁରକ୍ଷା ମଧ୍ୟରେ କୋର୍ଟରୁ ପାଟଣାଗଡ ସବଜେଲକୁ ନିଆଯାଇଛି । ପୁଂଜିଲାଲଙ୍କୁ କ୍ରାଇମବ୍ରାଂଚ ଜେଲରୁ ନେଇ ରିମାଣ୍ଡ ଆରମ୍ଭ କରିବ । କ୍ରାଇମବ୍ରାଂଚ ପୁଂଜିଲାଲଙ୍କୁ ରାୟପୁର ନେଇ ହତ୍ୟାକାଣ୍ଡ ପ୍ରକ୍ରିୟା ଉପରେ ପଚରାଉଚରା କରିବା ସହ ତଥ୍ୟ ଆଦାୟ କରିବା ନେଇ ସୂଚନା ମିଳିଛି ।

## ରାଜ୍ୟ ପାଇଁ ଗର୍ବ

# ଜାତୀୟ ମହିଳା ହକି ଦଳର ଅଧିନାୟକ ହେଲେ ସୁନିତା




ଭୁବନେଶ୍ୱର,୨।୫ (ସକାଳ ଖବର): ରାଜ୍ୟ କ୍ରୀଡା ଇତିହାସରେ ଆଉ ଏକ ଗର୍ବର ବିଷୟ ସ୍ଥାନ ପାଇଛି । ଭାରତୀୟ ମହିଳା ହକି ଦଳର ଅଧିନାୟିକା ହୋଇଛନ୍ତି ଜଣେ ଓଡ଼ିଆ । ସେ ହେଉଛନ୍ତି ସୁନୀତା ଲାକ୍ରା । ଆସନ୍ତା ମେ ମାସ ୧୩ ତାରିଖରୁ କୋରିଆର ଡୋଙ୍ଗହେ ସିଟିରେ ଖେଳାଯିବାକୁ ଥିବା ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ନେତୃତ୍ୱ ନେବେ ସୁନୀତା । ଏହି ଟୁର୍ଣ୍ଣାମେଣ୍ଟ ପାଇଁ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି । ଯେଉଁଥିରେ ସ୍ଥାନ ପାଇଛନ୍ତି ସୁନୀତା ଲାକ୍ରାଙ୍କ ସମେତ ୫ ଜଣ ଓଡ଼ିଆ । ସେମାନେ ହେଲେ ଲିଲିମା ମିଞ୍ଜ, ଦୀପ୍‌ଗ୍ରେସ ଏକ୍କା, ନମିତା ଟପ୍ପୋ, ଓ ଅନୁପା ବାର୍ଲା । ହକି ଦଳର ବର୍ତ୍ତମାନର ଅଧିନାୟିକା ରାଣୀଙ୍କୁ ବିଶ୍ରାମ ଦିଆଯାଇଥିବାରୁ ସୁନିତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ଆସନ୍ତା ୧୩ ତାରିଖରେ ଜାପାନ ବିରୋଧରେ ପ୍ରଥମ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ ଭାରତ । ଏହା ପୂର୍ବରୁ ଭାରତୀୟ ପୁରୁଷ ହକି ଦଳରେ ମଧ୍ୟ ଅନେକ ଓଡିଆ ସ୍ଥାନ ପାଇଛନ୍ତି । ଏହା ସହ ଅଧିନାୟକ ଭାବେ ଦାୟିତ୍ୱ ତୁଲାଇଛନ୍ତି । ପୂର୍ବରୁ ଅଧିନାୟକ ଦିଲ୍ଲୀପ ତିର୍କୀ ଏବଂ ପ୍ରବୋଧ ତିର୍କୀଙ୍କ ପରି ଓଡିଆ ଖେଳାଳି ଦେଶ ପାଇଁ ଅନେକ ସୁନାମ ଆଣିଛନ୍ତି ।

## ପରିସ୍ରା କରିବା ବେଳେ ଟାଣିନେଲା ଭାଲୁ, ଡ୍ରାଇଭର ମୃତ

ନବରଙ୍ଗପୁର, ୨।୫ (ସକାଳ ଖବର): ଭାଲୁ ଆକ୍ରମଣର ଶିକାର ହୋଇ ଜୀବନ ହାରିଲେ ଡ୍ରାଇଭର । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଡିଙ୍ଗା ପଂଚାୟତର ଫାର୍ସାଗୁଡା ଅଂଚଳରେ । ଗାଡିରୁ ଓହ୍ଲାଇ ରାସ୍ତା କଡକୁ ପରିସ୍ରା କରିବାକୁ ଯିବା ସମୟରେ ଭାଲୁଟି ଡ୍ରାଇଭରଙ୍କୁ ଟାଣି ନେଇଥିଲା । ଡ୍ରାଇଭର ଜଣଙ୍କ ଗାଡି ଧରି ଯାଉଥିବା ସମୟରେ ତାଙ୍କୁ ପରିସ୍ରା ଲାଗିଥିଲା । ଫଳରେ ସେ ଗାଡିରୁ ଓହ୍ଲାଇ ରାସ୍ତା କଡକୁ ଯାଇଥିଲେ । ସେହି ସମୟରେ ଏକ ଭାଲୁ ତାଙ୍କୁ ଟାଣି ନେଇ ଜଙ୍ଗଲ ଭିତରକୁ ନେଇ ଯାଇଥିଲା । ସୂଚନା ପାଇ ବନ ବିଭାଗର କର୍ମଚାରୀ ଜଂଗଲ ଭିତରେ ଡ୍ରାଇଭରଙ୍କୁ ଖୋଜିବାରେ ଲାଗିପଡିଥିଲେ । ପରେ ଭାଲୁକୁ ଠାବ କରି ଟ୍ରାଙ୍କୁଲାଇଜର ସାହାଯ୍ୟରେ ଭାଲୁଟିକୁ ନିୟନ୍ତ୍ରଣ କରିଥିଲେ ଏବଂ ଡ୍ରାଇଭରଙ୍କ ମୃତଦେହକୁ ମଧ୍ୟ ଉଦ୍ଧାର କରିଥିଲେ ।







### ସାମ୍ବାଦିକଙ୍କ ହତ୍ୟା ମାମଲା

# ଛୋଟା ରାଜନ ସମେତ ୯ ଜଣକୁ ଆଜୀବନ ଜେଲ



ମୁମ୍ବାଇ,୨।୫ (ସକାଳ ଖବର): ମୁମ୍ବାଇର ମକୋକା ଅଦାଲତ ବହୁ ଚର୍ଚ୍ଚିତ ଇଂରାଜୀ ଖବରକାଗଜ ମିଡ୍ ଡେର କ୍ରାଇମ ଜର୍ଣ୍ଣାଲିଷ୍ଟ ଜ୍ୟୋର୍ତିୟମ ଦେଙ୍କ ହତ୍ୟା ମାମଲାରେ ଅଣ୍ଡର ୱାର୍ଲ୍ଡ ଡନ ଛୋଟା ରାଜନକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ଅଦାଲତ ବୁଧବାର ଛୋଟା ରାଜନ ସମେତ ୯ ଜଣ ଅଭିଯୁକ୍ତଙ୍କୁ ଆଜୀବନ ସଜାରେ ଦଣ୍ଡିତ କରିଛନ୍ତି । ଅନ୍ୟ ପଟେ ସାମ୍ବାଦିକ ଜିଗନା ବୋରା ଓ ପାଲସନଙ୍କୁ ଦୋଷ ମୁକ୍ତ କରାଯାଇଛି ।

ଉଲ୍ଲେଖଯୋଗ୍ୟ ଦେ ଡେ ନାମରେ ପ୍ରସିଦ୍ଧ ସାମ୍ବାଦିକ ଜ୍ୟୋର୍ତିମୟ ଦେଙ୍କୁ ଅଣ୍ଡରୱାର୍ଲ୍ଡ ମାମଲାରେ ଖବର ରଖୁଥିବା ସାମ୍ବାଦିକଙ୍କ ମଧ୍ୟରେ ଗଣତି କରାଯାଏ । ତଙ୍କର ହତ୍ୟା ୨୦୧୧ ଜୁନ ୧୧ରେ ମୁମ୍ବାଇର ପବଇ ଇଲାକାରେ ହୋଇଥିଲା । ଏହି ମାମଲାର ଶୁଣାଣି ଗତ ୭ ବର୍ଷ ଧରି ଚାଲିଥିଲା । ଏହା ମଧ୍ୟରେ ୨୦୧୫ରେ ଛୋଟା ରାଜନଙ୍କୁ ଇଣ୍ଡୋନେସିଆରୁ ଗିରଫ କରାଯାଇଥିଲା । ଏହା ପରେ ଏହି ମାମଲାର ଶୁଣାଣି ଅଧିକ ତ୍ୱରିତ ହୋଇଥିଲା ।

ଏହି ମାମଲାରେ ତଦନ୍ତ ପରେ ପୋଲିସ ମକୋକା କୋର୍ଟରେ ୩୦୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିଲା । ଏହା ପରେ ୨୦୧୬ରେ ଏହି ମାମଲାରେ ରାଜନ ବିରୋଧରେ ଆସିଥିବା ଅଭିଯୋଗ ସ୍ଥିର କରାଯାଇଥିଲା । ଏହି କ୍ରମରେ ଆଜି ମୁମ୍ବାଇର ସ୍ୱତନ୍ତ୍ର କୋର୍ଟରେ ରାୟ ଶୁଣାଣି ସମୟରେ ସମସ୍ତ ୧୧ ଜଣ ଅଭିଯୁକ୍ତ ଉପସ୍ଥିତ ଥିଲେ । ଦିଲ୍ଲୀର ତିହାଡ଼ ଜେଲରେ ବନ୍ଦୀ ଛୋଟା ରାଜନ ଭିଡ଼ିଓ କନଫରେନ୍ସ ଜରିଆରେ ମକୋକା କୋର୍ଟରେ ହାଜର ହୋଇଥିଲା ।

ଅଭିଯୋଗକାରୀ ପକ୍ଷ ମୁତାବକ ମାଫିଆଙ୍କ ମୁଖ୍ୟ ଛୋଟା ରାଜନଙ୍କୁ ଏହା ଲାଗୁଥିଲା ଯେ ଜେ ଦେ ତା ବିରୋଧରେ ଲେଖୁଥିବା ବେଳେ ମୋଷ୍ଟ ୱାଣ୍ଟେଡ ଡନ ଦାଉଦ ଇବ୍ରାହିମଙ୍କ ମହିମା ମଣ୍ଡନ କରୁଛି । କେବଳ ଏହି କାରଣରୁ ଛୋଟା ରାଜନ ଜେ ଦେଙ୍କ ହତ୍ୟା କରିଥିଲା । ସେହିଁ ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିଲା । ଛୋଟା ରାଜନଙ୍କ ଓକିଲ ଅଂଶୁମାନ ସିହ୍ନାଙ୍କ ମୁତାବକ ଅଭିଯୋଗ ପକ୍ଷ ଯେଉଁ ସବୁ ତଥ୍ୟ ଉପସ୍ଥାପନ କରିଛନ୍ତି ତାହା ସବୁ ମିଥ୍ୟା । ଛୋଟା ରାଜନ ନାମରେ କରାଯାଇଥିବା (ପୃଷ୍ଠା-୭)

# ଜୁମ୍ବୋ ନୁହେଁ ଏଥର ଛୋଟ ଟିମ୍ ହେବ ପିସିସି : ନିରଞ୍ଜନ



ଭୁବନେଶ୍ୱର, ୨।୫ (ସକାଳ ଖବର): ରାଜ୍ୟରେ ବିଗିଡିଥିବା ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଅଣ୍ଟା ଭିଡିଛନ୍ତି ନୂଆ କରି ପିସିସି ମଙ୍ଗୁଆଳ ସାଜିଥିବା ନିରଂଜନ ପଟ୍ଟନାୟକ । ଆଗାମୀ ୨୦୧୯ ନିର୍ବାଚନ ପାଇଁ ଜିଲ୍ଲା ସ୍ତରରେ ଘର ସଜାଡ଼ିବାରେ ଲାଗିପିଛନ୍ତି ନିରଞ୍ଜନ । ଏଥର ପିସିସି ଜୁମ୍ବୋ ଟିମ୍ ନୁହେଁ, ଛୋଟ ଟିମ୍ ହେବ ବୋଲି କହିଛନ୍ତି ନିରଞ୍ଜନ । ରାଜ୍ୟ କଂଗ୍ରେସର ପ୍ରଭାରୀ ଜିତେନ୍ଦ୍ର ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟିମ୍ ଗଠନ କରାଯିବ । ଏହା ସହ ଆସନ୍ତା ୧୫ ତାରିଖ ସୁଦ୍ଧା ଜିଲ୍ଲା କମିଟି ମଧ୍ୟ ଗଠନ କରାଯିବ ବୋଲି ସୂଚନା ଦେଇଛନ୍ତି ନିରଞ୍ଜନ । ୨୦୧୯ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଏବେଠାରୁ ସଜବାଜ ହେଉଛି ଦଳ । ନିରଞ୍ଜନ ଆହୁରି ମଧ୍ୟ ବିଭିନ୍ନ ଜିଲ୍ଲା ଗସ୍ତ କରି କର୍ମୀ ଏବଂ ନେତାଙ୍କୁ ଏକାଠି କରିବା ସହ ଗୋଷ୍ଠୀକନ୍ଦଳକୁ ଶାନ୍ତ କରିବାରେ ଲାଗିପଡିଛନ୍ତି । ଦଳର କାର୍ୟ୍ୟକାରୀ ସଭାପତି ଚିରଞ୍ଜିବ ବିଶ୍ୱାଳ, ନବକିଶୋର ଦାସ ଯଥାକ୍ରମେ ଭଦ୍ରକ ଓ ଢେଙ୍କାନାଳରେ ସମସ୍ତ କର୍ମୀଙ୍କୁ ନେଇ କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରିଛନ୍ତି । ସୁବର୍ଣ୍ଣପୁରରେ ମଧ୍ୟ ଦଳର ସ୍ଥିତିକୁ ମଜବୁତ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି ନବ ଦାସ ।

ଏହା ସହ କୌଣସି ବି ପରିସ୍ଥିତିରେ ଦଳ ମଧ୍ୟରେ ଗୋଷ୍ଠୀକନ୍ଦଳକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି ଚିରଞ୍ଜୀବ ବିଶ୍ୱାଳ । ଦଳବିରୋଧୀ କାର୍ଯ୍ୟକଳାପ ତଥା ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଢ ଭାବରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

cmyk



Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**